# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା

(ତଉଜି ଉପବିଭାଗ)

**ସାଧାରଣ ବିଜ୍ଞପ୍ତି**

ନଂ ୧୭୪୫୪/ ତା- ୨୧/୧୨/୨୦୨୦

ଏତଦ୍ୱାରା ଖୋର୍ଦ୍ଧା ଜିଲ୍ଲାର ସର୍ବସାଧାରଣ/ ଲିଜଧାରୀ ମାନଙ୍କ ଅବଗତି ନିମନ୍ତେ ସୁଚାଇ ଦିଆଯାଉଅଛି ଯେ, ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ବିଜ୍ଞପ୍ତି ସଂଖ୍ୟା S.O.3611(E) ତା-୨୫.୦୭.୨୦୧୮ ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ଲଘୁ ଖଣିଜ ପଦାର୍ଥ (Minor Minerals) ର ଜିଲ୍ଲା ସର୍ବେକ୍ଷଣ ରିପୋର୍ଟ (District Survey Report) ର ଚିଠା ପୃଥକ ପୃଥକ ଭାବେ ପ୍ରସ୍ତୁତ କରାଯାଇଅଛି, ଯାହାକି ଖୋର୍ଦ୍ଧା ଜିଲ୍ଲା ୱେବସାଇଟ www.khordha.nic.in ରେ ଉପଲବ୍ଧ ଅଟେ । ଉକ୍ତ ସର୍ବେକ୍ଷଣ ରିପୋର୍ଟର ତଥ୍ୟ ବାବଦରେ ଯଦି କାହାର କୌଣସି ଆପତି/ଅଭିଯୋଗ/ମତାମତ/ ମନ୍ତବ୍ୟ ଥାଏ ତେବେ ଏହି ବିଜ୍ଞପ୍ତି ପ୍ରକାଶନର ୨୧ ଦିନ ମଧ୍ୟରେ (ସମସ୍ତ କାର୍ଯ୍ୟ ଦିବସରେ) ଖୋର୍ଦ୍ଧା ଜିଲ୍ଲାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ/ ସମସ୍ତ ତହସିଲଦାରଙ୍କ କାର୍ଯ୍ୟାଳୟ/ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ/ ଶ୍ରୀ ଜଗନ୍ନାଥ ମନ୍ଦିର ଶାଖା କାର୍ଯ୍ୟାଳୟ, ଜଟଣୀ ରେ ଲିଖିତ ଆକାରରେ ଦାଖଲ କରିପାରିବେ । ଧାର୍ଯ୍ୟ ତାରିଖ ପରେ କୌଣସି ଦରଖାସ୍ତ ଗ୍ରହଣୀୟ ହେବ ନାହିଁ ।

ଜିଲ୍ଲାପାଳ, ଖୋର୍ଦ୍ଧା

ସ୍ମାରକ ସଂଖ୍ୟା ୧୭୪୫୭ / ତା- ୨୧/୧୨/୨୦୨୦//

ଏହାର ଏକକିତା ନକଲ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ତହସିଲଦାର/ ସମସ୍ତ ଉପଜିଲ୍ଲାପାଳ/ ସମସ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ଏହାର ଏକକିତା ନକଲ ଜନସାଧାରଣଙ୍କ ଅବଗତି ନିମନ୍ତେ ବିଭିନ୍ନ ଜନସମାଗମ ସ୍ଥାନରେ ଟାଙ୍ଗିବା ନିମନ୍ତେ ଅନୁରୋଧ କରାଗଲା ।

ଜିଲ୍ଲାପାଳ, ଖୋର୍ଦ୍ଧା